# ଅଷ୍ଟମ ସର୍ଗ



*ଅଥ କଥମପି ଯାମିନୀଂ ବିନୀୟ*
*ସ୍ମର-ଶର-ଜର୍ଜରିତାପି ସା ପ୍ରଭାତେ।*
*ଅନୁନୟ-ବଚନଂ ବଦନ୍ତମଗ୍ରେ*
*ପ୍ରଣତମପି ପ୍ରିୟମାହ ସାଭ୍ୟସୂୟମ୍।*

---

ଏଥୁ ଅନନ୍ତରେ ଶୁଣ ସାଧୁଜନେ ତାପ ପାଇ ମନେ ରାଧା।
ଉଜାଗର ହୋଇ ପୁହାଇ ରଜନୀ କରିଛି ମଦନବାଧା।
ଅରୁଣ ଉଦୟେ ପ୍ରଭୁ ଦେବରାୟେ କାମଶରେ କ୍ଷୀଣ କାୟ।
ରାଧା ଅଗ୍ରତେ ମିଳି କହେ ଅନନ୍ତ ନମ୍ରରେ ଅତି ବିନୟ।
ଗୋବିନ୍ଦଙ୍କୁ ଦେଖି ପୂର୍ଣ୍ଣଶଶିମୁଖୀ କୋପରେ ପୂରିତ ଦେହ।
ନିରାଶବାଣୀ କହଇ ପୁଣ ପୁଣି ମୋର ସନ୍ନିଧିରୁ ଯାଅ।

---

ଏହାପରେ ବିରହପୀଡ଼ିତା ରାଧା କୌଣସିମତେ ରାତ୍ରି ବିତାଇ ଏକାନ୍ତରେ ବସିଥିବାବେଳେ, ପ୍ରଭାତ ସମୟରେ ବିନୟପୂର୍ବକ ବଚନ ପ୍ରକାଶ କରି, ଶ୍ରୀକୃଷ୍ଣ ତାଙ୍କ ପାଦତଳେ ପଡ଼ି କଣ୍ଠଦେଇ ଆସିନଥିବାରୁ, କ୍ଷମାଭିକ୍ଷା କରିଥିଲେ। ଏହାଦେଖି ବିପ୍ରଲବ୍ଧା ନାୟିକା ଶ୍ରୀରାଧା ଶ୍ରୀକୃଷ୍ଣଙ୍କୁ ଈର୍ଷାରେ ଜର୍ଜରିତା ହୋଇ ଧିକ୍କାର କଲେ।

---

*Lakṣmīpati, the Bashful*
*Afflicted by the arrows of the god of love she somehow spent the night. At dawn, she denounced her lover bitterly as he bowed before her, pleading forgiveness.*



*ରଜନି-ଜନିତ-ଗୁରୁ-ଜାଗର-ରାଗ-କଷାୟିତମଳସ-ନିମେଷମ୍।*
*ବହତି ନୟନମନୁରାଗମିବ ସ୍ଫୁଟ-ମୁଦିତ-ରସାଭିନିବେଶମ୍।*
*ହରି-ହରି ଯାହି ମାଧବ ଯାହି କେଶବ ମା ବଦ କୈତବ-ବାଦମ୍*
*ତାମନୁସର ସରସୀରୁହ-ଲୋଚନ ଯା ତବ ହରତି ବିଷାଦମ୍।ଧ୍ରୁବଂ।*

ଗୋବିନ୍ଦଙ୍କୁ ଦେଖି ପୂର୍ଣ୍ଣଶଶୀମୁଖୀ କୋପରେ ପୂରିତ ଦେହ।
ନିରାଶ ବାଣୀ କହଇ ପୁଣ ପୁଣି ମୋର ସାନ୍ନିଧ୍ୟରୁ ଯାଅ।
ତୋର ଧୂର୍ତ୍ତପଣ ଯେତେକ ବଚନ ନ କହ ପଦ୍ମଲୋଚନ।
ଯେ ତୋ କାମଖେଦ ହରିଲା ବିଷାଦ ତା ପାଶେ କର ଗମନ।
ନିଦ୍ରା ଦୂର କରି ଯେବଣ ଚତୁରୀ ତୁଲେ ବଞ୍ଚିଲ ରଜନୀ।
ତା'ର ପୀରତିରେ ଯେତେ ତୋର ମତି କହୁଛି ନୟନ ବେନି।
ଅମଳ କମଳ ଦଳ ଭୃଙ୍ଗ ରୋଳ ଅଳସେ କଷା ସଙ୍କାସ।
ସଙ୍କୋଚ ନୟନେ ନିଦ୍ରା ସ୍ଫୁରେ ଘନ ବଦନ ଅତି ନୀରସ।

---

ହେ ମାଧବ ! ତୁମେ ସାରାରାତି ଉଜାଗର ରହି କେଉଁ ନାୟିକା ସହିତ ରତିକେଳିରେ ମାତିଥିବାରୁ, ତୁମ ଆଖି ଯୋଡ଼ିକ ଲାଲ ଦେଖାଯାଉଛି। ଅଳସରେ ତୁମ ଆଖିପତା ଲଇଁପଡୁଛି। ତୁମ ଆଖିରୁ ସେହି ନାୟିକା ପ୍ରତି ପ୍ରକଟିଥିବା ଅନୁରାଗ ସ୍ପଷ୍ଟଭାବରେ ଝରିପଡୁଛି। ହାୟ ! ହାୟ ! ତୁମେ ଏ କ'ଣ କଲ ? ହେ ମାଧବ ! ହେ କେଶବ ! ତୁମେ ମୋ' ଆଖି ଆଗରୁ ଦୂରହୋଇଯାଅ ! ହେ ପଦ୍ମନେତ୍ର ଗୋପୀନାଥ ! ତୁମେ ଆଉ ମୋ' ଆଗରେ ମିଥ୍ୟାକଥା କହି ମୋତେ ଭୁଲାଇବାକୁ ଚେଷ୍ଟାକରନାହିଁ। କାଲି ରାତିରେ ଯେ ତୁମର ବିରହବେଦନା ରୂପକ ଦୁଃଖ ଦୂରକରିଥିଲା, ତୁମେ ତା'ରି ପାଖକୁ ଚାଲିଯାଅ !

ତୁମେ ମା-ଧବ ଅର୍ଥାତ୍ ଲକ୍ଷ୍ମୀପତି। ତୁମ ପରି ଗୋଟିଏ ପରପୁରୁଷ ପ୍ରତି ମନବଳାଇବା ମୋର ଭୁଲ ହୋଇଛି। ଅନ୍ୟ ନାୟିକାର ଅଙ୍ଗସଙ୍ଗ ଫଳରେ ଜଳରେ ପଚିସଢ଼ି (କେ-ଶବ) ଭାସୁଥିବା ଶବ ପରି ତୁମ ଦେହ ଦୁର୍ଗନ୍ଧରେ ପରିପୂର୍ଣ୍ଣ ହୋଇଛି। ତୁମେ ସଜଳଜଳଦ ପରି ଛଳଛଳ ଆଖିରେ ମିଥ୍ୟା କଥା କହି ମୋତେ ଭୁଲାଇଦେବାକୁ ଚେଷ୍ଟାକରନାହିଁ।

---

*Your eyes are bloodshot from a sleepless night of passion. Your listless face betrays Your ardour for the woman You spent the night with. Damn You Mādhava! Go, Keśava, leave me alone. Go back to her, O lotus-eyed one. She will ease Your despair.*



*କଜ୍ଜଳ-ମଳିନ-ବିଲୋଚନ-ଚୁମ୍ବନ-ବିରଚିତ-ନୀଳିମ-ରୂପମ୍।*
*ଦଶନ-ବସନମରୁଣଂ ତବ କୃଷ୍ଣ ତନୋତି ତନୋରନୁରୂପମ୍।*

କେଳିରସ କାଳେ ତାକୁ ସ୍ନେହ ଭୋଳେ ଲୋଚନେ ଦେଲୁ ଚୁମ୍ବନ।
ଏ ତୋର ସୁରଙ୍ଗ ଅଧର ବିରଙ୍ଗ କଜ୍ଜଳେ ଅତି ମଳିନ।
ଅରୁଣରୁ ଜ୍ୟୋତି ଅଧରର କାନ୍ତି ତବ ତନୁ ପ୍ରାୟ ଆଭା।
ବିଧୁ ବିହୀନେ ଯେହ୍ନେ ନୀଳନଳିନ ପାଖୁଡ଼ାର ପ୍ରାୟ ଶୋଭା।

ହେ ମାଧବ ! ତୁମର ଅରୁଣାୟିତ ଦଶନ, ପୀତ ବସନ ଓ ଅଧର ସବୁକିଛି ତୁମ ଶରୀରର କାନ୍ତି ପରି ଶ୍ୟାମ ବର୍ଣ୍ଣ ଦିଶୁଛି। କାରଣ, ସେହି ନାୟିକାର କଜ୍ଜଳ-ବିଲେପିତ ନେତ୍ରପ୍ରାନ୍ତରେ ତୁମେ ଗାଢ଼ ଚୁମ୍ବନ ଦେଇଥିବାରୁ, ତୁମ ଶରୀରର ନୀଳିମା ଅନ୍ୟତ୍ର ପ୍ରକଟ ହେଉଛି। ତୁମେ ଏ ରହସ୍ୟକୁ କୌଣସିମତେ ଲୁଚାଇ ପାରିବ ନାହିଁ।

*Your lips have turned black from kissing her kohl-anointed eyes,*
*thus matching the colour of Your body*

*ବପୁରନୁହରତି ତବ ସ୍ମର-ସଙ୍ଗର-ଖର-ନଖର-କ୍ଷତ-ରେଖମ୍।*
*ମରକତ-ଶକଳ-କଳିତ-କଳଧୌତ-ଲିପେରିବ ରତି-ଜୟ-ଲେଖମ୍।*

ତା'ର କରରୁହ କ୍ଷତେ ତୋ'ର ଦେହ ଯେମନ୍ତ ଦିଶଇ ପୁଣ।
ଜମ୍ବୁନଦ ରେଖା ଲେଖିଥିଲେ ଶିକ୍ଷା ଜାଣି ମର୍କତ ପାଷାଣ।
ମଦନ ସମରେ ଗାଢ଼ ସୁରତରେ ଜିଣିଲା ତୋତେ ଅବଳା।
ଜୟ କରି ପତ୍ର ଲେଖିଛି ଚତୁରୀ ଜାଣଇ ବିବିଧ କଳା।

ହେ ମାଧବ, ସେ ନାୟିକା ସହିତ ତୁମେ ରତିକେଳି ରୂପକ ଯୁଦ୍ଧରେ ମାତିଥିବା ସମୟରେ, ସେହି ରମଣୀର ତୀକ୍ଷ୍ଣନଖକ୍ଷତ ତୁମ ଶରୀରରେ ପରିସ୍ଫୁଟ ହୋଇ ଦିଶିଯାଉଛି। ମନେହୁଏ, ସତେ ଯେପରି, ସେ କାମିନୀ ରତିରଣରେ ତୁମକୁ ଜୟକରି ମରକତଶିଳାତୁଲ୍ୟ ତୁମ ଶରୀରରେ ସୁବର୍ଣ୍ଣ ଅକ୍ଷରରେ ତା'ର ବିଜୟ ପ୍ରଶସ୍ତି ରଚନା କରିଛି। ଅର୍ଥାତ୍ ତୁମେ ସେହି କାମିନୀ ସହିତ ଗାଢ଼ ସୁରତରେ ମାତିଥିବାରୁ, ତା'ର ନଖଦ୍ୱାରା ତୁମ ଶରୀର କ୍ଷତବିକ୍ଷତ ହୋଇଛି।

*Your body bears the marks of her sharp nails during love-making and looks as if the triumphant message of love has been carved in golden letters on sapphire.*



*ଚରଣ-କମଳ-ଗଳଦଲକ୍ତକ-ସିକ୍ତ-ମିଦଂ ତବ ହୃଦୟମୁଦାରମ୍*
*ଦର୍ଶୟତୀବ ବହିର୍ମଦନ ଦ୍ରୁମ-ନବ-କିଶଳୟ-ପରିବାରମ୍।*

---

କହୁଅଛି ଶୁଣ ପୁଣ ମୋର ବାଣୀ ତାହାକୁ ତୋ ସ୍ନେହ ଅତି।
କ୍ରୀଡ଼ାରସ କାଳେ ନ ହେଜିଲୁ ଢାଳେ ହୋଇଲୁ ତୁ ଭୋଳମତି।
ତାହାର ଚରଣ ଘେନି ହୃଦୟେଣ ଧଇଲୁ ତୋହର ଆଣି।
ଅଳତାରଙ୍ଗ ଦିଶଇ ଯେହ୍ନେ ଅଙ୍ଗ ଶୁଣ କହି ବେଣୁପାଣି।
ହୃଦୟ ଭିତର କାମ ତରୁବର ନବପଲ୍ଲବିତ ହୋଇ।
ତେମନ୍ତ ପ୍ରକାର ଦିଶଇ ଶରୀର ଅଲକ୍ତକ ଶୋଭା ବହି।

---

ହେ ମାଧବ ! ସେହି କାମିନୀର ଅଳତାବୋଳା ପାଦର ଚିହ୍ନ ତୁମ ହୃଦୟରେ ସ୍ପଷ୍ଟରୂପେ ଅଙ୍କିତ ହୋଇଛି। କାରଣ କାମଶାସ୍ତ୍ର-ପଣ୍ଡିତ ହୋଇଥିବାରୁ, ତୁମେ ସେହି କାମିନୀର ପାଦଦ୍ୱୟକୁ ହୃଦୟରେ ଲଗାଇ ଗାଢ଼ ସୁରତ ଅର୍ଥାତ୍ ବନ୍ଧ ରଚନାପୂର୍ବକ କାମକେଳିରେ ମଗ୍ନ ଥିଲ। ତେଣୁ ତା' ପାଦର ଅଳତା ଚିହ୍ନ ତୁମ ବକ୍ଷଦେଶରେ ଅଙ୍କିତ ହୋଇଛି। ହେ ଶଠ ! ତୁମ ହୃଦୟରେ ଅଙ୍କିତ ହୋଇଥିବା ସେହି ଅଳତାର ଚିହ୍ନକୁ ଦେଖିଲେ ମନେହୁଏ, ସତେ ଯେପରି କାମବୃକ୍ଷ ସ୍ୱରୂପ ଦେଶରେ ନବପଲ୍ଲବ ସଦୃଶ ସେହି ଅଳତାବୋଳା ପାଦଚିହ୍ନ ଶୋଭାପାଉଛି।

---

*Your chest is smeared with red lac dropped from her lotus-feet, which looks like new foliage burgeoning on the love-tree, inside your heart, from external glance.*



*ଦଶନ-ପଦଂ ଭବଦଧର-ଗତଂ ମମ ଜନୟତି ଚେତସି ଖେଦମ୍।*
*କଥୟତି କଥମଧୁନାପି ମୟା ସହ ତବ ବପୁରେତଦଭେଦମ୍।*

---

ଏ ତୋ'ର ଅଧରେ ଦଶନେ ଦଶନଘାତ ଦେଇଅଛି ରାମା।
ଦେଖିଣ ବିଷାଦ ମନେ ମୋର ଦେଖ ଧନ୍ୟ ସେ ରାମା ମହିମା।
କହିଲେ ଯେତେକ କଥା ଏକୁଁ ଏକ ଲୁଚାଇବୁ ଅବା କାହିଁ।
ମୋହରେ ତୋହର ଅଭେଦ ପୀରତି ଧୂର୍ତ୍ତପଣ କାହିଁପାଇଁ।

---

ହେ ମାଧବ ! ଗାଢ଼ ପୀରତି ବେଳେ ସେହି ମନୋରମା କାମିନୀ ତୁମ ଅଧରରେ ଦନ୍ତକ୍ଷତ କରିଛି। ତାହା ଦେଖିବାମାତ୍ରେ ମୋ' ହୃଦୟରେ ଅଶେଷ ଦୁଃଖ ଜାତହେଉଛି। ତୁମ ଅଧରରେ ଅନ୍ୟ ରମଣୀର ଦନ୍ତକ୍ଷତ ଦେଖିବା ପରେ ମଧ୍ୟ ଆମ ଦୁହିଙ୍କ ମଧ୍ୟରେ ଅଭେଦପ୍ରୀତି ରହିଛି ବୋଲି ତୁମେ ସାହସର ସହିତ କହିପାରୁଛ !

---

*Her teethmark on Your lip creates anguish in my heart. How can You now vainly claim that You and I are inseparable and one?*

*ବହିରିବ ମଳିନତରଂ ତବ କୃଷ୍ଣ ମନୋଽପି ଭବିଷ୍ୟତି ନୂନମ୍।*
*କଥମଥ ବଞ୍ଚୟସେ ଜନମନୁଗତ-ମସମ-ଶର-ଜ୍ୱର-ଦୂନମ୍।*

---

ବାହାର ଭିତରେ ଶୁଦ୍ଧ ନାହିଁ ତୋର କଥାରେ ନ ଭଣ୍ଡ ହରି।
ନ କର ଚାଟୂକ୍ତି ଯାଅ ଶିରୀପତି ଯହି ଅଛି ସେ ନାଗରୀ।
ନିତ୍ୟେ ହେଁ ମକରଧ୍ୱଜରାୟଶର ତନୁରେ ପଡ଼ି ମୋହର।
ବହୁ ଦୁର୍ନ୍ନୟ କରି ଦେହ ଦହଇ କହିବି କାହା ଆଗର।

---

ହେ ମାଧବ ! ତୁମର ଏ ପ୍ରକାର ଆଚରଣ ଦେଖି ମୋର ମନେହେଉଛି, ବାହାରେ ତୁମର ଶରୀର ଯେପରି ନୀଳିମାମୟ, ଅନ୍ତର ମଧ୍ୟ ଅନୁରୂପ କାଳିମାମୟ ହୋଇଛି। ନୋହିଲେ ସଦାସର୍ବଦା ତୁମରି ଚିନ୍ତାରେ କାଳଯାପୁଥିବା ଏହି ଅନୁଗତ ପ୍ରଣୟିନୀକୁ ତୁମେ ଠକିଦେଇ, କନ୍ଦର୍ପର ପଞ୍ଚବାଣରେ ପୀଡ଼ିତ କରିନଥା'ନ୍ତା। ତୁମରି ବିରହରେ ମୁଁ କାମଜ୍ୱରରେ ଆକ୍ରାନ୍ତ ହୋଇ ଅତ୍ୟନ୍ତ କଷ୍ଟ ଭୋଗ କରୁଛି।

---

*Oh dark Kṛṣṇa! Your heart must be as dark as the colour of Your skin or else You could not have deceived a faithful person suffering from fever caused by kāma (God of love)*



*ଭ୍ରମତି ଭବାନବଳା-କବଳାୟ ବନେଷୁ କିମତ୍ର ବିଚିତ୍ରମ୍।*
*ପ୍ରଥୟତି ପୂତନିକୈବ ବଧୂ-ବଧ-ନିର୍ଦ୍ଦୟ-ବାଳ-ଚରିତ୍ରମ୍।*

ଅବଳା କାମିନୀ ହୋଇ ଏକାକିନୀ ବନେ ବନେ ଭ୍ରମୁଥାଇ।
ରଜନୀ ଦିବସ ନ ଜାଣଇ ଶେଷ ମରଇ ତୋହରି ପାଇଁ।
ଏ ତୋ'ର ହୃଦୟ ନିଷ୍ଠୁର କଠୋର ଭଲେ ଜାଣଇଁ ମୁଁ କିନା।
ବାଳକାଳେ ସ୍ତନ୍ୟ ପାନ କରି ହେଳେ ନାଶିଥିଲୁ ତୁ ପୂତନା।
ସ୍ତିରୀ ହତ୍ୟା କଲୁ କିଛି ନ ମଣିଲୁ ତୋତେ ନ ଲାଗିଲା ସେହି।
ମୋତେ ଅରଣ୍ୟ ଭିତରେ ବୁଲାଇବା ଏ କି ବିଚିତ୍ର ଅଟଇ।

ହେ ମାଧବ ! ତୁମେ ଅବଳାବଧୂଜନମାନଙ୍କୁ ନିର୍ଦ୍ଦୟ ଭାବରେ ବଧପୂର୍ବକ ଗ୍ରାସ କରିବା ପାଇଁ ଏହି ବୃନ୍ଦାବନରେ ଭ୍ରମଣ କରୁଛ। ଏଥିରେ ଆଶ୍ଚର୍ଯ୍ୟ ହେବାର କିଛି ନାହିଁ। କାରଣ, ବାଳକ କାଳରୁ ତୁମେ ମହାବଳୀୟସୀ କଂସାସୁରର ଆତ୍ମୀୟା ପୂତନାକୁ ବଧ କରିଛ। ତେଣୁ ବଧୂବଧ ବିଷୟରେ ତୁମର ନିର୍ଦ୍ଦୟତା ସେହି କାଳରୁ ଜଗତରେ ବ୍ୟାପିଯାଇଛି। ତେଣୁ ମୋ' ପରି ଗୋଟିଏ ବିରହପୀଡ଼ିତା ଅବଳାକୁ ବଧ କରିବା ତୁମ ପକ୍ଷରେ ଆଦୌ ଆଶ୍ଚର୍ଯ୍ୟର ବିଷୟ ନୁହେଁ।

*Why am I shocked that You roam in the woods to consume weak girls?*
*The fate of Putanā shows Your cruel childhood bent for killing women.*



*ଶ୍ରୀଜୟଦେବ-ଭଣିତ-ରତି-ବଞ୍ଚିତ ଖଣ୍ଡିତ-ଯୁବତି-ବିଳାପମ୍।*
*ଶୃଣୁତ ସୁଧା-ମଧୁରଂ ବିଧୁଧାଳୟତୋଽପି ସୁଖ ଦୁରବାପମ୍।*

ସଙ୍କେତ ସ୍ଥାନେ ହରି-କ୍ରୀଡ଼ା ନ ପାଇ ରତି ବିଳାପେ ଖଣ୍ଡିତା।
ବିବିଧ ଦୁର୍ଲଭ ଅମୃତ ସୁଲଭ ଜୟଦେବରେ ବର୍ଣ୍ଣିତା।
ସେ ଅମୃତମୟ ବାଣୀ ଶୁଣି ଜନେ ଆପଣେ ହୁଅ ତୃପତ।
ସ୍ୱର୍ଗଲାଭଠାରୁ ଅଧିକ କଠିନ କବି ଜୟଦେବ ଗୀତ।

ହେ ଭକ୍ତଜନମାନେ ! କବିରାଜ ଜୟଦେବଙ୍କ ବର୍ଣ୍ଣିତ ସମ୍ଭୋଗଶୃଙ୍ଗାରରୁ ବଞ୍ଚିତା ଖଣ୍ଡିତା (ଅନ୍ୟ ନାୟିକାକୁ ଉପଭୋଗ କରି ଆସିଥିବା ନିଜ ପ୍ରଣୟୀକୁ ଦେଖି କୋପ ପ୍ରକାଶ କରୁଥିବା ରମଣୀ ଖଣ୍ଡିତା ରୂପେ କଥିତ।) ରମଣୀର ସୁଧାଠାରୁ ଅଧିକ ମଧୁର ତଥା ରସମୟ ବିଳାପକୁ ଶୁଣ। ହୁଏତ ସ୍ୱର୍ଗଲାଭ କରିବା ସହଜ ହୋଇପାରେ, କିନ୍ତୁ ରସିକ ଭକ୍ତକବି ଜୟଦେବଙ୍କ ବିରଚିତ ରସରାଜ ଶ୍ରୀକୃଷ୍ଣ ଓ ଶ୍ରୀରାଧଙ୍କ ଚରିତ; ବିଶେଷତଃ ବିରହିଣୀ ରାଧିକାଙ୍କର ବିଳାପ ବର୍ଣ୍ଣିତ ଗୀତ ଶୁଣିବା ସହଜ ନୁହେଁ।

*Jaẏadeva sings the lament of a jealous woman jilted in love.*
*Listen, sages! Heaven rarely yields such sweet elixir.*

*ତବେଦଂ ପଶ୍ୟନ୍ତ୍ୟାଃ ପ୍ରସରଦନୁରାଗଂ ବହିରିବ*
*ପ୍ରିୟା-ପାଦାଲକ୍ତ-ଚ୍ଛୁରିତମରୁଣ-ଚ୍ଛାୟ-ହୃଦୟମ୍।*
*ମମାଦ୍ୟ ପ୍ରଖ୍ୟାତ-ପ୍ରଣୟ-ଭର-ଭଙ୍ଗେନ କିତବ*
*ତ୍ୱଦାଲୋକଃ ଶୋକାଦପି କିମପି ଲଜ୍ଜାଂ ଜନୟତି।*

ପୁନରପି ଶୁଣ ମୋହର ବଚନ ପ୍ରିୟାକୁ ତୋ ଅନୁରାଗ।
ଅଳତାର ଶୋଭା ଅରୁଣର ପ୍ରଭା ବହିଛୁ ହୃଦୟଛଭାଗ।
ତା'ର ସ୍ନେହଭର ଆଗରେ ମୋହର ଦେଖାଉଅଛୁ ମୁରାରି।
ଶୋକତାପ ବିନୁ ଲଜ୍ଜା ଦହେ ତନୁ ଚତୁର ଅଟୁ ଶ୍ରୀହରି।

ହେ ଶଠ ! ତୁମକୁ ଦେଖିବା ପରେ ମୋ' ହୃଦୟ ଶୋକାକ୍ରାନ୍ତ ହେବା ବ୍ୟତିରେକେ ଲଜ୍ଜାରେ ଅଭିଭୂତ ହୋଇଉଠିଛି। କାରଣ ତୁମେ ମୋତେ ତ୍ୟାଗକରି କୌଣସି ଗୋଟିଏ କାମିନୀ ସହିତ ରତିରଙ୍ଗରେ ମାତି, ତା' ପାଦର ଅଳତା ଚିହ୍ନକୁ ହୃଦୟରେ ଧାରଣକରିଛ। ଯେଉଁ ରାଧିକା ତୁମର ପ୍ରଣୟିନୀ ବୋଲି ପ୍ରଖ୍ୟାତ ହୋଇଥିଲା, ତା'ର ସେହି ପ୍ରଣୟବିଶ୍ୱାସ ଭଙ୍ଗ ହୋଇଛି। ତୁମ ବକ୍ଷରେ ଅନ୍ୟ ରମଣୀର ଅଳତାବୋଳା ପାଦଚିହ୍ନ ଦେଖି, ମୁଁ ଆଉ ଶୋକ କରିବି କ'ଣ, ଲଜ୍ଜାରେ ମୋର ଶିର ଲଇଁଯାଉଛି।

*The red stains on Your bosom from her lac-painted feet betray Your shameless passion.*
*You cheat, You have shattered my faith in our love, which causes me more shame than sorrow.*

# ନବମ ସର୍ଗ



*ତାମଥ ମନ୍ମଥ-ଖିନ୍ନାଂ ରତି-ରସ-ଭିନ୍ନାଂ ବିଷାଦ-ସଂପନ୍ନାମ୍।*
*ଅନୁଚିନ୍ତିତ-ହରି-ଚରିତାଂ କଳହାନ୍ତରିତା-ମୁବାଚ ରହଃ ସଖୀ।*

ଏଥୁ ଅନନ୍ତରେ କଥା। ରାଧିକାର ମନେ ବ୍ୟଥା।
କୁସୁମଶରରେ କ୍ଷୀଣା। ରତିରସ ବିନୁ ଦୀନା
ବିଷାଦିତ ହୋଇ ବସି। ହରି କଥା ମନେ ଘୋଷି।
କୃଷ୍ଣରେ କଳହ କରି। ଝରାଏ ନୟନୁ ବାରି।
ଏସନ ଦେଖି ସଜନୀ। କହଇ ମଧୁର ବାଣୀ।

ଶ୍ରୀକୃଷ୍ଣ ନିରାଶ ହୋଇ କୁଞ୍ଜକୁଟୀରରୁ ଫେରିଯିବା ପରେ, ରତିସୁଖବଞ୍ଚିତା, ମଦନବାଣରେ ପୀଡ଼ିତା, ଦୁଃଖିତହୃଦୟା, ବିଷର୍ଣ୍ଣମାନସା, ଅନବରତ ଶ୍ରୀକୃଷ୍ଣଙ୍କ ଚରିତ ଚିନ୍ତନପରା ଏବଂ ଭର୍ତ୍ସନା କରି ଶ୍ରୀକୃଷ୍ଣଙ୍କୁ ବିଦାୟ କରିଦେଇ ପୁଣି ତାଙ୍କ ବିଷୟ ଚିନ୍ତାକରି ବିଳାପକରୁଥିବା କଳହାନ୍ତରିତା ଶ୍ରୀରାଧାଙ୍କୁ ପ୍ରିୟସଖୀ ଏକାନ୍ତରେ ବୁଝାଇ କହିଲା।

*Even after turning Kṛṣṇa away with sharp rebuke Rādhā continues to think about Him and suffers from deprivation of His love and feels despondent and forlorn. Her friend tries to assuage her.*



*ହରିରଭିସରତି ବହତି ମୃଦୁ-ପବନେ।*
*କିମପରମଧିକ-ସୁଖଂ ସଖି ଭବନେ।*
*ମାଧବେ ମା କୁରୁ ମାନିନି ମାନମୟେ। ଧ୍ରୁବଂ।*

| | |
|---|---|
| ଶୁଣ ସଖି! ବାଣୀ ମୋର। | ମାଧବେ ମାନ ନ କର। |
| ଦେଖ ଏ ବସନ୍ତକାଳ। | ବହଇ ମଳୟାନିଳ। |
| ଏସନ ସମୟେ ହରି। | ଅଇଲା ତୋ ଅନୁସରି। |
| ଏଥୁଁ କିସ ଫଳ ଦେଖି। | ଲଭିବୁ ଯେ ସୁଖ ସଖି। |

ଆଗୋ ମାନବତୀ ରାଧିକେ ! ବସନ୍ତକାଳୀନ ମୃଦୁମନ୍ଦ ପବନ ବହି ହୃଦୟରେ କାମଭାବ ଉଦ୍ରେକ କରାଉଛି। ଏହି ସମୟରେ ଶ୍ରୀକୃଷ୍ଣ କୁଞ୍ଜକୁ ଅଭିସାର କରିଛନ୍ତି। ତାଙ୍କୁ ଭର୍ତ୍ସନାକରି ଫେରାଇଦେଇ ତୁ ଯଦି ଘରକୁ ଯିବୁ, କି ଅଧିକ ସୁଖ ପାଇବୁ? ବରଂ ତାଙ୍କରି ରୂପ ଗୁଣ ଓ ପ୍ରଣୟ ଚିନ୍ତାକରି ଅଧିକ ଦୁଃଖପାଇବୁ। ତେଣୁ ମୁଁ କହୁଛି - ଆଗୋ ମାନମୟୀ ରାଧେ ! ଶ୍ରୀକୃଷ୍ଣଙ୍କ ପ୍ରତି ଅଭିମାନିନୀ ହୁଅନାହିଁ। ଏହା ଫଳରେ ତୁ ଅଧିକ ଦୁଃଖ ଭୋଗକରିବୁ।

*O sullen Rādhā ! Hari roams when the soft spring wind blows.*
*What greater pleasure is there in this world? O haughty one, don’t hurt His sentiment.*





*ତାଳ-ଫଳାଦପି ଗୁରୁମତି-ସରସମ୍।*
*କିମୁ ବିଫଳୀ-କୁରୁଷେ କୁଚ-କଳଶମ୍।*

ଏ ତୋର କୁଚଯୁଗଳ। ସରସ କି ତାଳଫଳ।
ଏହାକୁ ବିଫଳ କରୁ। କୃଷ୍ଣଙ୍କୁ ଅନ୍ତରେ ଧରୁ।

ହେ ରାଧେ, ତୁମେ ଶ୍ରୀକୃଷ୍ଣଙ୍କ ପ୍ରତି ଅଭିମାନିନୀ ହୋଇ ତାଳଫଳଠାରୁ ଉନ୍ନତ, ସରସ ଓ କଠିନ ତୁମର କୁଚଦ୍ୱୟର ସାର୍ଥକତାକୁ ବିଫଳ କରୁଛ କାହିଁକି ? କାରଣ ପ୍ରଣୟୀର କରସ୍ପର୍ଶରେ ତୁମର ଏହି ଉନ୍ନତ ପୟୋଧର ଯୁଗଳ ସାର୍ଥକ ହେବ। ନିଜେ ଜାଣିଶୁଣି ତାହାକୁ ଏଡ଼ାଇ ଦେଉଛ କାହିଁକି ?

*Why do You waste the beauty of Your swollen breasts, firmer than the palm fruit?*



*କତି ନ କଥିତମିଦ-ମନୁପଦମଚିରମ୍।*
*ମା ପରିହର-ହରିମତିଶୟ-ରୁଚିରମ୍।*

ହରି କଥା କହେଁ ଯେତେ। ନ ଘେନୁ ହୃଦୟଗତେ।
ଗୋବିନ୍ଦେ ନ ଛାଡ଼ ମିତ। ତ୍ରିପୁର ସୁନ୍ଦର କାନ୍ତ।

ହେ ରାଧିକେ, ମୁଁ ତୁମକୁ ଶ୍ରୀକୃଷ୍ଣଙ୍କ ମଧୁମୟ ଗୁଣ, ମନୋହର ରୂପ ତଥା କାନ୍ତ ପ୍ରଣୟୀ ବୋଲି ବହୁବାର ଏବଂ ବହୁ କ୍ଷେତ୍ରରେ କହିଛି। ତା’ ବ୍ୟତୀତ ସାମାନ୍ୟ କଥାରେ ଅଭିମାନ କରି, ତାଙ୍କୁ ତ୍ୟାଗ ନ କରିବାକୁ ବୁଝାଇଛି। ସେ ଅତିଶୟ ସୁନ୍ଦର ଓ ତୋ’ର ହୃଦୟବଲ୍ଲଭ ଅଟନ୍ତି। ତାଙ୍କୁ ପରିତ୍ୟାଗ କରିବା ତୋ’ ପକ୍ଷରେ ଉଚିତ ନୁହେଁ।

*I have repeatedly persuaded You not to resist Hari who is so charming.*



*କିମିତି ବିଷୀଦସି ରୋଦିଷି ବିକଳା।*
*ବିହସତି ଯୁବତି ସଭା ତବ ସକଳା।*

---

ବିଷାଦ କାହିଁକି ମନ। ବିକଳେ କରୁ ରୋଦନ।
ତୋହର ଏ ଭାବ ଦେଖି। ହସିବେ ସକଳ ସଖୀ।

---

ହେ ସଖି ! ଯଦି ଶ୍ରୀକୃଷ୍ଣଙ୍କ ପ୍ରତି ତୋ' ମନରେ ଏତେ ବିତୃଷ୍ଣା ଜାତହୋଇଛି, ତୁ ତେବେ ଦୁଃଖ କରୁଛୁ କାହିଁକି ? ଶ୍ରୀକୃଷ୍ଣଙ୍କୁ ହରାଇ ଏପରି ବିକଳ ହୋଇ ରୋଦନ କରୁଛୁ କାହିଁକି ? ଆଗୋ ରାଧିକେ ! ପ୍ରାଣପ୍ରିୟ ଶ୍ରୀକୃଷ୍ଣଙ୍କୁ ଭର୍ତ୍ସନା କରି ଏବଂ ତାଙ୍କ ପ୍ରତି ଅଭିମାନିନୀ ହୋଇ, ଏପରି ଭାବରେ ରୋଦନ କଲେ, ସାଙ୍ଗସାଥୀ ସଖୀ ଓ ପରିଜନମାନେ ତୋ' ଅଦ୍‌ଭୁତ ଆଚରଣ ଦେଖି ଉପହାସ କରିବେ। ତେଣୁ ମୋ' କଥା ମାନି ଏ ଅଭିମାନ ତ୍ୟାଗକର।

---

*Why do You cry in despair? All Your girl friends are mocking at You.*

*ସଜଳ-ନଳିନୀ-ଦଳ-ଶୀଳିତ-ଶୟନେ।*
*ହରିମବଲୋକୟ ସଫଳୟ ନୟନେ।*

---

ସଜଳନଳିନୀ ଦଳ। ସୁସଞ୍ଜ ଶଯ୍ୟା ଶୀତଳ।
ତହିଁରେ ଦେଖ ହରିଙ୍କି। ସଫଳ ହେଉ ତୋ ଆଖି।

---

ହେ ରାଧେ ! ଶ୍ରୀକୃଷ୍ଣଙ୍କ ବିରହରେ ତୁ କାମାନଳରେ ଦଗ୍ଧ ହୋଇ ସଦ୍ୟ ଜଳରୁ ଆଣି କୋମଳ ନଳିନୀଦଳରେ ଶୟନ କରିଛୁ। ଅତଏବ ଶ୍ରୀକୃଷ୍ଣଙ୍କ ବିରହରେ ତୁ ଅତିଶୟ କଷ୍ଟ ସହିବାକୁ ଲାଗିଛୁ। ତେଣୁ ମୋ' କଥା ମାନି ସେହି କୋମଳ ପତ୍ରଶଯ୍ୟାରୁ ଉଠି ଶ୍ରୀକୃଷ୍ଣଙ୍କ ଆଡ଼କୁ ମୁଗ୍ଧନେତ୍ରରେ ଚାହିଁ ତୋ' ନୟନଯୁଗଳକୁ ସଫଳକର।

---

*Make Your eyes worthy by looking at Hari lying on the cool couch of moist lotuses.*



ଜନୟସି ମନସି କିମିତି ଗୁରୁ-ଖେଦମ୍।
ଶୃଣୁ ମମ ବଚନ-ମନୀହିତ ଭେଦଂ।

ନ ଧର ତୁ ତାପ ମନା। ମୋର ହିତବାଣୀ ଘେନା।
ମନରେ ନ କର ଖେଦା। କୃଷ୍ଣରେ ନ କର ଭେଦା।

ହେ ରାଧେ ! ତୁ ତୋ'ର ହୃଦୟକୁ ଆଉ ଏତେ କଷ୍ଟ ଦେ'ନା। କାରଣ ତୋ' ମନରେ ଯେଉଁ ଗୁରୁତର ଖେଦ ଜାତହୋଇଛି, ତା'ର କାରଣ ହେଉଛି - ତୋ'ର ଏହି ଅହେତୁକ ଅଭିମାନ। ମୁଁ ତୋର ହିତାକାଙ୍କ୍ଷିଣୀ ଏବଂ ଅନ୍ତରଙ୍ଗ ସଖୀ। ମୋ' କଥା ମାନି ଏବଂ ମୋ' ହିତବଚନ ଶୁଣି, ତୁ ମାଧବଙ୍କ ପ୍ରତି ଅଭିମାନ ତ୍ୟାଗକରିଦେ।

*Why burden Your mind with heavy despair? Be assured he regrets having betrayed You.*

ହରିରୁପଯାତୁ ବଦତୁ ବହୁ ମଧୁରମ୍।
କିମିତି କରୋଷି ହୃଦୟମତି-ବିଧୁରମ୍।

ମନଖେଦ ଦୂର କର। କୃଷ୍ଣ କହନ୍ତୁ ମଧୁର।
ତେଜ ହୃଦୟ ବେଦନା। ନୁହ ଆଉ କୋପମନା।

ହେ ରାଧିକେ ! ଶ୍ରୀକୃଷ୍ଣ ତୋ' କୁଞ୍ଜକୁ ଆସି ମଧୁର ଚାଟୁବାଣୀରେ ତୋତେ ମୁଗ୍ଧ କରନ୍ତୁ। ତୋ'ର ଏହି ବିରହଦଗ୍ଧ ହୃଦୟକୁ ଆଉ ଏତେ କଷ୍ଟ ଦେ'ନା। ଏହା ଫଳରେ ତୋର କିଛି ଲାଭ ହେବ ନାହିଁ, ବରଂ ତୁ ବିରହତାପାନଳରେ ଦଗ୍ଧ ହୋଇ ଶାନ୍ତି ପାଇପାରିବୁ ନାହିଁ।

*Let Hari come and speak sweet words. Why do You condemn Your heart to loneliness?*

ଶ୍ରୀ ଜୟଦେବ-ଭଣିତ-ମତି ଲଳିତମ୍।
ସୁଖୟତୁ ରସିକ-ଜନଂ ହରି-ଚରିତମ୍।

ରସିକ ଜନଙ୍କ ଚିତ୍ତ। ଅତି ହରଷ ଉଦିତ। ଶ୍ରୀଜୟଦେବ କଥିତ। କୃଷ୍ଣଚରିତ ଲଳିତ।

ଶ୍ରୀଜୟଦେବ କବିରାଜ ଯେଉଁ ଅତି ମଧୁର ତଥା କୋମଳ କାନ୍ତ ପଦାବଳୀବିଶିଷ୍ଟ ଶ୍ରୀହରିଙ୍କ ଚରିତ ବର୍ଣ୍ଣନ କରିଛନ୍ତି, ତାହା ଭକ୍ତରସିକଜନମାନଙ୍କ ଚିତ୍ତରେ ଆନନ୍ଦ ପ୍ରଦାନ କରୁ।

*May this lilting song of Jayadeva about Hari please all sensitive people.*



*ସ୍ନିଗ୍ଧେ ଯତ୍ ପରୁଷାସି ଯତ୍ ପ୍ରଣମତି ସ୍ତବ୍ଧାସି ଯଦ୍‌ରାଗିଣୀ*
*ଦ୍ୱେଷସ୍ଥାସି ଯଦୁନ୍ମୁଖେ ବିମୁଖତାଂ ଯାତାସି ତସ୍ମିନ୍ ପ୍ରିୟେ।*
*ତଦ୍‌ଯୁକ୍ତଂ ବିପରୀତକାରିଣି ତବ ଶ୍ରୀଖଣ୍ଡ-ଚର୍ଚ୍ଚା ବିଷଂ*
*ଶୀତାଂଶୁସ୍ତପନୋ ହିମଂ ହୁତବହଃ କ୍ରୀଡ଼ାମୁଦୋ ଯାତନାଃ।*

| | |
|---|---|
| ଶୋଭାପୁରୁଷ ମାଧବ। | ଦେବଙ୍କ ଉପରେ ଦେବ। |
| ସେ ଆସି ତୋତେ ବିନୟେ। | ମଧୁରବାଣୀରେ କହେ। |
| ଉନ୍ମୁଖେ ତାକୁ ନ କହୁ। | ବିଧୁମୁଖେ ତାପ ସହୁ। |
| ଏ ତୋର ନୋହେ ବିହିତ। | କାଳେ ହୋଏ ବିପରୀତ। |
| ଚନ୍ଦନ ହୋଇଛି ବିଷ। | ଚନ୍ଦ୍ରକର ଭାନୁତ୍ରାସ। |
| ହିମରୁ ଶୀତ ପବନ। | ହୋଏ ଅନଳ ସମାନ। |
| କ୍ରୀଡ଼ାରସ ତୋ'ର ଚିତ୍ତେ। | ବାଧା ଦିଏ ହୃଦଗତେ। |
| ଘେନ ସଖି ମୋ ଉତ୍ତର। | ହରି ତୋ ପ୍ରାଣଈଶ୍ୱର। |
| ତାଙ୍କଠାରେ ତୁ ବିମନ। | ନୁହଁରେ ମୋ ପ୍ରାଣଧନ। |

ହେ ଅଭିମାନିନୀ ରାଧିକେ ! ତୁ ଶ୍ରୀକୃଷ୍ଣଙ୍କ ପ୍ରତି ଆଦୌ ଭଲ ଆଚରଣ ଦେଖାଇନାହୁଁ। ସେ ପ୍ରେମପୂର୍ଣ୍ଣ କୋମଳ ବାଣୀରେ ତୋତେ ତୁଷ୍ଟ କରୁଥିଲେହେଁ, ତୁ ତାଙ୍କ ପ୍ରତି କଠୋର ବାଣୀ ପ୍ରୟୋଗ କରିଛୁ। ସେ ଅତ୍ୟନ୍ତ ବିନୟର ସହିତ ତୋ' ମାନଭଞ୍ଜନ ନିମିତ୍ତ ପ୍ରଣାମପୂର୍ବକ ନିବେଦନ କଲେ ମଧ ତୁ କାଷ୍ଠପାଷାଣ ପରି ନିଶ୍ଚଳ ହୋଇ ରହିଛୁ। ସେ ଅନୁରାଗପୂର୍ଣ୍ଣ ବାଣୀ ପ୍ରକାଶ କରନ୍ତେ, ତୁ ଦ୍ୱେଷପୂର୍ଣ୍ଣ କଥା କହି ତାଙ୍କୁ ଅପମାନିତ କରିଛୁ। ଶ୍ରୀକୃଷ୍ଣ ତୋତେ ସନ୍ତୁଷ୍ଟ କରିବା ପାଇଁ ଚେଷ୍ଟା କରିଛନ୍ତି, ଅଥଚ ତୁ ତାଙ୍କୁ ବିମୁଖ କରିବା ଭଳି ସମସ୍ତ ଆଚରଣ ପ୍ରକାଶକରିଛୁ। ତୋ'ର ପ୍ରାଣବଲ୍ଲଭ ପ୍ରିୟଙ୍କ ନିକଟରେ ତୁ ବାରମ୍ବାର ବିପରୀତ ଆଚରଣ ପ୍ରଦର୍ଶନ କରି, ତାଙ୍କ ମନରେ ଅଶେଷ କଷ୍ଟ ଦେଇଛୁ। ଏଇଥିପାଇଁ ଶ୍ରୀଖଣ୍ଡଚନ୍ଦନ ତୋତେ ବିଷ ପରି ବୋଧହେଉଛି। ଚନ୍ଦ୍ରଙ୍କର ଶୀତଳ କିରଣ ତୋତେ ମଧ୍ୟାହ୍ନ-ସୂର୍ଯ୍ୟଙ୍କ କିରଣ ପରି ପୀଡ଼ାଦାୟକ ହୋଇଛି। ଆହୁରି ମଧ ଏତିକିରେ ତୋର ଯାତନା ଶେଷହୋଇନାହିଁ; ହିମଶୀତଳ ପବନ ତୋତେ ଅଗ୍ନି ପରି ଦଗ୍‌ଧକରୁଛି ଏବଂ ରତିକ୍ରୀଡ଼ା ବିଷୟକ ସୁଖ ତୋ' ପକ୍ଷରେ ଯାତନାତୁଲ୍ୟ ମନେହେଉଛି। ଏଣୁ ତୁ ଅଭିମାନ ଭଙ୍ଗକରି ତାଙ୍କ ପ୍ରତି ବିମୁଖତା ତ୍ୟାଗକର। ନୋହିଲେ ଆହୁରି ଅଧିକ ଯାତନା ଭୋଗକରିବୁ।

*When He is tender You are harsh; when he is pliant You are rigid; when He is passionate You are indifferent; when He desires You, You turn away; when He is loving, You withdraw. Your perverseness justly turns Your sandalwood paste into poison, cool moon rays into heat, ice into fire, joys of sporting into torments of hell.*

# ଦଶମ ସର୍ଗ



*ଅତ୍ରାନ୍ତରେ ମସୃଣ-ରୋଷ-ବଶାମସୀମ-*
*ନିଃଶ୍ୱାସ-ନିଃସହମୁଖୀଂ ସୁମୁଖୀମୁପେତ୍ୟ।*
*ସବ୍ରୀଡ଼ମୀକ୍ଷିତ-ସଖୀ-ବଦନାଂ ପ୍ରଦୋଷେ*
*ସାନନ୍ଦ-ଗଦ୍‌ଗଦ-ପଦଂ ହରିରିତ୍ୟୁବାଚ।*

ଏଥୁ ଅନନ୍ତରେ ଶୁଣ ହେ ସୁଜନେ ଅମୀୟ ମଧୁର ବାଣୀ।
କୋପ ପ୍ରଶମିତ କରଇ ତରୁଣୀ ସହଚରୀ ବାଣୀ ଶୁଣି।
କୃଷ୍ଣଙ୍କୁ ନ ଦେଖି ଅନୁତାପେ ବାମା ଅନ୍ତରେ ଦହେ ମଦନ।
ନିଃଶ୍ୱାସର ତାପ ସହି ନ ପାରଇ ଅତି ବିରସ ବଦନ।
ଏଣୁ ଅନନ୍ତରେ ଦିବସ ଅନ୍ତରେ ବିଜୟ କଲେ ମୁକୁନ୍ଦ।
ଲଜ୍ଜାବତୀ ପ୍ରଣୟିନୀ ମୁଖ ଚାହିଁ ସାନନ୍ଦ ପରମାନନ୍ଦ।
ପ୍ରଦୋଷେ କୁଞ୍ଜରେ ପ୍ରବେଶି ମଦନସୁନ୍ଦର କହନ୍ତି ବାଣୀ।
ପାଷାଣ ହେଲେ ହେଁ ତରଳିଯିବ ସେ ଗଦ୍‌ଗଦ ବଚନ ଶୁଣି।

ଏହାପରେ ଦିବସ ଶେଷରେ ଶ୍ରୀକୃଷ୍ଣ ରାଧାଙ୍କ ନିକଟକୁ ଯାଇ ଆନନ୍ଦରେ ଗଦ୍‌ଗଦ ହୋଇ କହିଥିଲେ। ସେତେବେଳକୁ ସଖୀର ପ୍ରବୋଧନାରେ ରାଧାଙ୍କର କ୍ରୋଧ ପ୍ରଶମିତ ହୋଇଥିଲା। ବିରହତାପ ସହିନପାରି ତାଙ୍କ ନାସିକାରୁ ଖରନିଃଶ୍ୱାସ ବାହାରୁଥିଲା। ସେ ପ୍ରାଣପ୍ରିୟଙ୍କୁ ନିର୍ଦ୍ଦୟଭାବରେ ଭର୍ତ୍ସନା କରିଥିବାରୁ, ସଖୀମୁଖକୁ ଚାହିଁ ଲଜ୍ଜା ଅନୁଭବ କରୁଥିଲା। ଏପିର ଏକ ମଧୁମୟ ସୁଯୋଗରେ ଶ୍ରୀକୃଷ୍ଣ ଶ୍ରୀରାଧାଙ୍କ କୁଞ୍ଜରେ ସନ୍ଧ୍ୟାକାଳରେ ଉପସ୍ଥିତ ହୋଇ ଚାଟୁବାଣୀ ପ୍ରକାଶ କରିଥିଲେ।

*The Clever Caturbhuja*
*As night comes, Hari approaches Rādhā, finding the force of her anger softened. Her face is weak from endless sighing. She blushes at her friend as Hari stammers sweet words to her, hardly able to contain His joy.*





*ବଦସି ଯଦି କିଞ୍ଚିଦପି ଦନ୍ତ-ରୁଚି-କୌମୁଦୀ*
*ହରତି ଦର-ତିମିରମତିଘୋରମ୍।*
*ସ୍ଫୁରଦଧର-ସିଧବେ ତବ ବଦନ ଚନ୍ଦ୍ରମା*
*ରୋଚୟତି ଲୋଚନ ଚକୋରମ୍।*
*ପ୍ରିୟେ ଚାରୁଶୀଳେ, ମୁଞ୍ଚ ମୟି ମାନମନିଦାନମ୍।*
*ସପଦି ମଦନାନଳୋ ଦହତି ମମ ମାନସଂ।*
*ଦେହି ମୁଖ-କମଳ-ମଧୁପାନମ୍। ଧ୍ରୁବଂ।*

ଶୁଣ ସୁନ୍ଦରୀ! ପ୍ରାଣବନ୍ଧୁ! ମୋଠାରେ ଦୂରକର ବେଗେ ମାନ।
ନିରତେ କାମ-ଅନଳ ଦହେ ମୋତେ ଦିଅ ମୁଖୁଁ ମଧୁପାନ।
କିଞ୍ଚିତ ବଚନ କହି ସଖି! ହସ ଦିଶୁ ଦନ୍ତପନ୍ତି ତୋର।
ଚନ୍ଦ୍ରକିରଣ ପ୍ରକାଶ କରି ହରୁ ଏ କାମ-ତିମିରଘୋର।
ବେନି ଲୋଚନ-ଚକୋର ମୋର ସୁଧା-ଲାଳସେ ଚଞ୍ଚଳ ଅତି।
ଉଲ୍ଲସିତେ ତୋର ମୁଖଚନ୍ଦ୍ର ଟେକି ଚାହିଁଲେ ହୋଇବ ଶାନ୍ତି।

ହେ ପ୍ରିୟେ ଚାରୁଶୀଳେ ! ମୋ' ଉପରେ ଯେଉଁ ଅଭିମାନ କରିଛ ତାହା ପରିତ୍ୟାଗ କର। ତୁମେ ଯଦି କରୁଣାପୂର୍ଣ୍ଣ ବଚନ ପଦଟିଏ ହେଲେ କହିବ, ତେବେ ଦନ୍ତଗୁଡ଼ିକର ଚନ୍ଦ୍ରମା ସଦୃଶ କିରଣରେ ମୋ' ମନରେ ଘୋଟିରହିଥିବା ଭୟରୂପକ ଅନ୍ଧକାର ଦୂରହୋଇଯିବ। ତୁମ ଅଧରରୁ ଅମୃତ ଝରିପଡୁଥିବାରୁ ତୁମ ମୁଖ ଚନ୍ଦ୍ରପରି ଶୋଭାମୟ ହୋଇଛି। ସୁଧାପୂର୍ଣ୍ଣ ସେହି ଚନ୍ଦ୍ରବଦନକୁ ଦେଖି ମୋର ନୟନ ରୂପକ ଚକୋର ଆନନ୍ଦ ଲାଭକରୁ। ଅର୍ଥାତ୍ ତୁମେ ହସିକରି ପଦେ କଥା କହିଲେ, ତୁମ ମୁଖଶୋଭା ଦେଖି ମୋ' ଅନ୍ତରରେ ଜାତହୋଇଥିବା ଭୟ ଦୂରହୋଇଯିବ ଏବଂ ମୋ' ନେତ୍ରଯୁଗଳ ଆନନ୍ଦରେ ଉତ୍ଫୁଲ୍ଲ ହୋଇଉଠିବ। ହେ ପ୍ରିୟେ, କାମାନଳ ମୋର ଅନ୍ତରକୁ ଦଗ୍ଧକରୁଛି। ତୁମେ ତୁମ ମୁଖକମଳରୁ ମଧୁପାନ କରାଇ ମୋ' ମାନସକୁ ପରିତୃପ୍ତକର।

*If You speak, the moonlight-like gleam of Your teeth will dispel the dense darkness of fear from me. Let Your moon face please my eyes which are like Cakora birds. Sweetheart, abandon Your baseless pride. Allow me to suck elixir from Your lotus mouth for my heart burns now in the fire of love.*



*ସତ୍ୟମେବାସି ଯଦି ସୁଦତି ମୟି କୋପିନୀ*
*ଦେହି ଖର-ନୟନ-ଶର-ଘାତମ୍।*
*ଘଟୟ ଭୁଜ-ବନ୍ଧନଂ ଜନୟ ରଦ-ଖଣ୍ଡନଂ*
*ଯେନ ବା ଭବତି ସୁଖ-ଜାତମ୍।*

ନିଶ୍ଚୟେ ମାରିବାକୁ ମୋତେ ତୋହର କୋପ ଯେବେ ଅଛି ମନେ।
ଦିଅ ତୀକ୍ଷ୍ଣଶର ଅପାଙ୍ଗ ଘାତକୁ ପୀଡ଼ ତୁ ଭୁଜବନ୍ଧନେ।
ଦଶନେ ଖଣ୍ଡିତ କର ମୋ ଅଧର ଯେହ୍ନେ ତୋଷ ଲଭୁ ଚିତ୍ତ।
ଏସନ ପ୍ରକାରେ ବିବିଧ ଦଣ୍ଡରେ ଦଣ୍ଡିବା ହେବ ଉଚିତ।

ହେ ସୁନ୍ଦରୀ ! ତୁମେ ଯଦି ପ୍ରକୃତରେ ମୋ' ପ୍ରତି କୋପ କରିଥାଅ, ତେବେ ନୟନର କଟାକ୍ଷ ରୂପକ ତୀକ୍ଷ୍ଣଶରରେ ମୋ' ଶରୀରକୁ ଛିନ୍ନଭିନ୍ନ କରି (କିମ୍ବା ଖର ନଖର..... ତୀକ୍ଷ୍ଣନଖାଘାତ ରୂପକ ଶରରେ) ମୋତେ କାମପ୍ରବଣ କରାଅ। ଭୁଜବନ୍ଧନରେ ବାନ୍ଧି ମୋ' ଶରୀରକୁ ପୀଡ଼ିତ କର। ରତିବିଳାସରେ ମୋ' ଅଧରରେ ଦନ୍ତାଘାତକରି ମୋ' ମଦନାନଳକୁ ଉଦ୍ଦୀପିତ କରାଅ। ତୁମର ସମସ୍ତ ପୀଡ଼ା ସତ୍ତ୍ୱେ ମୋ' ଶରୀରରେ ଅନିର୍ବଚନୀୟ ଆନନ୍ଦ ଜାତ ହେବ। ତେଣୁ ତୁମେ କୋପ ନକରି, ଏପରି ଭାବରେ ଦଣ୍ଡବିଧାନ କର; ଯାହା ଫଳରେ ଆମ ଦୁହିଁଙ୍କ ମନରେ ସୁଖ ଜାତ ହେବ।

*If You are really angry with me, inflict arrow-wounds with Your sharp glances, imprison me with Your arms, bite me with Your teeth or do whatever excites Your fancy.*



*ତ୍ୱମସି ମମ ଭୂଷଣଂ ତ୍ୱମସି ମମ ଜୀବନଂ*
*ତ୍ୱମସି ମମ ଭବ-ଜଳଧି-ରତ୍ନମ୍।*
*ଭବତୁ ଭବତୀହ ମୟି ସତତମନୁରୋଧିନୀ*
*ତତ୍ର ମମ ହୃଦୟମତି-ଯତ୍ନମ୍।*

ତୁହି ସେ ମୋହର ଭୂଷଣ ଜୀବନ ତୁହି ଭବସିନ୍ଧୁ ରତ୍ନ।
ତୁହି ସେ ନିରତେ ମୋ ଅନୁରାଗିଣୀ ହୁଅ କରେ ହୃଦେ ଯତ୍ନ।

ହେ ପ୍ରାଣେଶ୍ୱରୀ ! ତୁମେ ମୋର ଶରୀର ଭୂଷଣ, ତୁମେ ମଧ ମୋ' ଜୀବର ଜୀବନ ଅଟ। ଏହି ଭବସଂସାର ରୂପକ ମହାସମୁଦ୍ରରେ ତୁମେ ମୋର ରତ୍ନ ସ୍ୱରୂପ ଅଟ। ମୋର ଏହି ଅନୁନୟରେ ତୁମେ ମୋ' ପ୍ରତି ଅନୁକୂଳା ହୁଅ, ଅର୍ଥାତ୍ ମୋ' ଅନୁରୋଧପୂର୍ଣ୍ଣ ବଚନ ଶୁଣି, ତୁମେ ଅଭିମାନ ତ୍ୟାଗ କରି ମୋ' ପ୍ରତି ଅନୁରାଗଶାଳିନୀ ହୁଅ; ଏହା ହିଁ ଆନ୍ତରିକତାର ସହିତ ମୁଁ ତୁମଠାରେ ନିବେଦନ କରୁଛି।

*You are my ornament, You are my life. You are the essence of my existence.*
*I fervently plead with You to extend Your favour for ever.*

*ନୀଳ ନଳିନାଭମପି ତନ୍ୱି ତବ ଲୋଚନଂ*
*ଧାରୟତି କୋକନଦ-ରୂପମ୍।*
*କୁସୁମ-ଶର-ବାଣ ଭାବେନ ଯଦି ରଞ୍ଜୟସି*
*କୃଷ୍ଣମିଦମେତଦନୁରୂପମ୍।*

ଶୁଣ ସଜନି! ତବ ଲୋଚନ ମନସିଜର ଅଟଇ ବାଣ। ମୋହ ହୃଦୟତଟକୁ ଭେଦିଣ ଆକୁଳ କରୁଛି ପ୍ରାଣ।
ନୀଳକମଳ ପ୍ରାୟେ ବର୍ଣ୍ଣ ଯାହାର ହୁଏ କୋକନଦ ବତ। ମୋହର ରୂପ କି ଅବଲିପ୍ତ କରି ଧରିଛି ରୂପ ଏମନ୍ତ।

ହେ ସୁନ୍ଦରୀ ! ନୀଳକମଳ ସଦୃଶ ତୁମର ଏହି ନୟନ ଯୁଗଳ କ୍ରୋଧରେ ରକ୍ତପଦ୍ମ ପରି ଦିଶୁଛି। ଯଦି ତୁମେ ମୋତେ (କୃଷ୍ଣଙ୍କୁ) କାମବାଣ ସ୍ୱରୂପ ନେତ୍ରରେ ରଞ୍ଜିତ କରିବାକୁ ଚାହୁଁଥାଅ, ତେବେ ତୁମ ନେତ୍ରର ଲାଲିମା ଉପଯୁକ୍ତ ବୋଲି ମନେହୁଏ। ତୁମର ନୀଳବର୍ଣ୍ଣ ନୟନ ଯୁଗଳ ନିଜର ସ୍ୱାଭାବିକ ରଙ୍ଗ ହରାଇ ରକ୍ତବର୍ଣ୍ଣ ହୋଇଥିବାରୁ ତୁମେ ମୋ' ପ୍ରତି କଟାକ୍ଷପାତ କରି ମୋତେ ଅନୁରଞ୍ଜିତ କରୁଛ ବୋଲି ଯଦି ଚକ୍ଷୁ ରକ୍ତବର୍ଣ୍ଣ କରିଥାଅ, ତେବେ ମୋ'ଠାରେ ପ୍ରସନ୍ନା ହୁଅ।

*When Your arrows of love arouse me, my black body turns red with passion as Your lotus-dark eyes turn red like scarlet lilies when You are angry.*



*ସ୍ଫୁରତୁ କୁଚ-କୁମ୍ଭୟୋ-ରୁପରି ମଣିମଞ୍ଜରୀ*
*ରଞ୍ଜୟତୁ ତବ ହୃଦୟ-ଦେଶମ୍।*
*ରସତୁ ରସନାପି ତବ ଘନ-ଜଘନ-ମଣ୍ଡଳେ*
*ଘୋଷୟତୁ ମନ୍ମଥ-ନିଦେଶମ୍।*

ଏ ତୋହର ମଣିମୁକୁତାର ହାର ଭୂଷଣ ଯେ ହୃଦୟରେ।
ନିର୍ମଳ ତରଳ ଏହୁ ଖେଳେ ସଖି! କୁଚକଳଶ ଉପରେ।
ଘନଜଘନ ଦେଶରେ ଖଞ୍ଜି ତୋର ମେଖଳା କିଙ୍କିଣୀ ମାଳା।
ମନମଥ ଆଜ୍ଞା ଘୋଷଣା କରୁ ଏ ମଧୁର ଧ୍ୱନି ସରଳା।

ହେ ଅଭିମାନିନୀ ! ତୁମର କୁଚ ରୂପକ କଳସ ଯୁଗଳ ଉପରେ ମଣିହାର ରୂପକ ମଞ୍ଜରୀ ତୁମ ହୃଦୟଦେଶକୁ ଅନୁରଞ୍ଜିତ କରୁ। ତୁମ ପୃଥୁଳ ଜଘନଦେଶରେ କ୍ଷୁଦ୍ର ଘଣ୍ଟିକାଯୁକ୍ତ ଚନ୍ଦ୍ରହାର କାମଦେବଙ୍କ ନିର୍ଦ୍ଦେଶକୁ ଘୋଷଣା କରୁ। ଅର୍ଥାତ୍ ହେ ମାନବତୀ ! ତୁମେ ମାନଭଙ୍ଗ କରି, ମୋ ସହିତ ରତିକେଳି ଆରମ୍ଭକଲେ, ତୁମ କଣ୍ଠରେ ଲମ୍ବିଥିବା ମଣିହାର ସ୍ତନଯୁଗଳ ଉପରେ ଆନ୍ଦୋଳିତ ହେବ ଏବଂ ତୁମେ ସମ୍ପୂର୍ଣ୍ଣ ବିଗତବସନା ହୋଇ ବିପରୀତ ରତିରେ ମୋ' ସହିତ କେଳି କରନ୍ତେ, କ୍ଷୁଦ୍ର ଘଣ୍ଟିକାଯୁକ୍ତ ତୁମ ଚନ୍ଦ୍ରହାର ଜଘନଦେଶରେ ପଡ଼ି କିଣିକିଣି ନାଦରେ ଆମ ଦୁହିଁଙ୍କ ମନରେ ଆନନ୍ଦବର୍ଦ୍ଧନ କରିବ। ହେ ମାନମୟୀ ! ମୁଁ ଏହାହିଁ ଚାହୁଁଛି। ତୁମେ ଅନୁକୂଳା ହେଲେ ଏହା ସମ୍ଭବ ହେବ।

*Let the garland of pearls dangling over Your bountiful breasts beautify Your chest. Let the girdle ringing on Your shapely hips announce the command of the god of love.*



*ସ୍ଥଳ-କମଳ-ଗଞ୍ଜନଂ ମମ ହୃଦୟ-ରଞ୍ଜନଂ*
*ଜନିତ-ରତି-ରଙ୍ଗ-ପରଭାଗମ୍।*
*ଭଣ ମସୃଣବାଣି କରବାଣୀ ଚରଣ-ଦ୍ୱୟଂ*
*ସରସ-ଲସଦଲକ୍ତକ-ରାଗମ୍।*

ଶୁଣ ତୁ କୋମଳବଚନି ରେ ରାମା କରସି ମୋର ବଚନ।
ଏ ତୋର ଚରଣ ଦିଅ ମୁଁ କରଇଁ ଏଥେ ଅଲକ୍ତ ରଞ୍ଜନ।
ଯେବଣ ପାଦ ଗଞ୍ଜେ ସ୍ଥଳ କମଳ କୋଟିଏ ଲାବଣ୍ୟ ଜିଣି।
ହୃଦୟ ମନ ମୋର ପୁଣି ରଞ୍ଜଇ ରତିରଙ୍ଗ ହୃଦ ଜାଣି।

ହେ କୋମଳବଚନେ ! ତୁମେ ଯଦି ଅନୁରାଗିଣୀ ହୋଇ ଆଜ୍ଞା ଦେବ, ତେବେ ମୁଁ ତୁମ ପାଦଦୁଇଟିରେ ଅଳତା ଲଗାଇଦେବି। ଏହା ଫଳରେ ତୁମ ପାଦ ଦୁଇଟିର ବର୍ଣ୍ଣ ସ୍ଥଳକମଳକୁ ବଳିପଡ଼ିବ ଏବଂ ତାହା ମୋର ମନୋରଞ୍ଜକ ହେବ ଅର୍ଥାତ୍ ରତିକେଳି ସମୟରେ ତୁମର ପାଦ ଦୁଇଟିକୁ ମୁଁ ହୃଦୟଦେଶରେ ଧାରଣ କରି ନିଜକୁ ସୌଭାଗ୍ୟବାନ୍ ବୋଲି ମନେକରିବି। ତୁମ ପାଦଯୁଗଳରେ ଅଳତା ଲଗାଇଦେଲେ, ତାହା ସରସ ରତି କୌଶଳରେ ପରସ୍ପର ମନୋରଞ୍ଜକ ହୋଇପାରିବ।

*The beauty of Your feet which beats the beauty of hibiscus-blossom fills my heart and sets the stage of love. Please speak soft words and allow me to colour Your feet with the rich liquid of gleaming red lac.*



*ସ୍ମର-ଗରଳ-ଖଣ୍ଡନଂ ମମ ଶିରସି ମଣ୍ଡନଂ*
*ଦେହି ପଦ-ପଲ୍ଲବମୁଦାରମ୍*
*ଜ୍ୱଳତି ମୟି ଦାରୁଣୋ ମଦନ-କଦନାନଳୋ*
*ହରତୁ ତଦୁପାହିତ-ବିକାରମ୍।*

---

ମଦନଗରଳ ଖଣ୍ଡନ ତୋ ପାଦ-ପଲ୍ଲବ, ଦିଅ ମୋ ଶିର। ହରୁ ଦାରୁଣ କାମାନଳ ଶୀତଳ ହେଉ ସର୍ବ ଅଙ୍ଗ ମୋର।

---

ହେ ଅଭିମାନିନୀ ପ୍ରିୟେ ! କାମଦେବର ସନ୍ତାପରୂପକ ବିଷର ଖଣ୍ଡନକାରୀ ଏବଂ ମୋ' ମସ୍ତକର ଅଳଙ୍କାର ସ୍ୱରୂପ, କୋମଳ ପତ୍ର ସଦୃଶ ତୁମର ପଦଯୁଗଳକୁ ମୋ' ଶିରରେ ସ୍ଥାପନକର। କାରଣ, ଦାରୁଣ ମଦନବ୍ୟଥାରୂପକ ସୂର୍ଯ୍ୟତାପ ମୋର ଶିରକୁ ଅଶେଷ ତାପଦେଉଛି, ତା'ର ଉପଚାର ନିମିତ୍ତ ତୁମେ କୋମଳ ପତ୍ର ସ୍ୱରୂପ ପଦଯୁଗଳର ଛାୟା ପ୍ରଦାନକର। (ମାନବତୀ ନାରୀର ମାନଭଞ୍ଜନ ନିମିତ୍ତ ପ୍ରଣୟୀର ପାଦପତନ ଶ୍ରେଷ୍ଠ ଉପାୟ ବୋଲି କାମଶାସ୍ତ୍ରରେ ବର୍ଣ୍ଣନା ରହିଛି।) ତା' ଫଳରେ ମୋ' ଶରୀରରୁ କାମବିକାର ଦୂରହୋଇଯିବ।

---

*Place thy sublime foot on my head and dispel the venom of unrequited love from my system. Let thy foot quell the fire of the god of love which torments my head like the harsh rays of sun.*



*ଇତି ଚଟୁଳ-ଚାଟୁ-ପଟୁ ଚାରୁ ମୁର-ବୈରିଣୋ-*
*ରାଧିକାମଧିବଚନ-ଜାତମ୍।*
*ଜୟତି ପଦ୍ମାବତୀ-ରମଣ ଜୟଦେବ-କବି-*
*ଭାରତୀ ଭଣିତମତି-ଶାତମ୍।*

ବିନୟବଚନ ଏ ଚାଟୁ ବଚନ, ରାଧା ପ୍ରତି କୃଷ୍ଣବାଣୀ।
ପଦ୍ମାବତୀପତି କବି ଜୟଦେବ, ଯାହା ସେ ବଚନେ ଭଣି।
ଆନନ୍ଦିତ କରୁ ରସିକ ମାନସ, ଗୀତ ଏ ମଧୁର ଅତି।
ଜୟଯୁକ୍ତ ହେଉ ଭକ୍ତଜନ ମୋହୁ, କବିରାଜଙ୍କ ଭାରତୀ।

ଏହି ପ୍ରକାର ଚତୁରତା, ପ୍ରେମରସପୂର୍ଣ୍ଣ ତଥା ପଦ୍ମାବତୀରମଣ ଜୟଦେବଙ୍କ ଦ୍ୱାରା ପ୍ରଗୀତ ଶ୍ରୀରାଧାଙ୍କ ପ୍ରତି କୁହାଯାଇଥିବା ମୁରବୈରୀ ଶ୍ରୀକୃଷ୍ଣଙ୍କ ବାଣୀ ଭକ୍ତ ଜନତାର ମନୋରଞ୍ଜନକରୁ।

*Mura's foe thus spoke to Rādhā in sweet, cajoling, coaxing, loving and clever words. Glory be to Padmāvatīs consort, Jayadeva who sings this song.*



*ପରିହର କୃତାତଙ୍କେ ଶଙ୍କାଂ ତ୍ୱୟା ସତତଂ ଘନ-*
*ସ୍ତନ-ଜଘନୟାକ୍ରାନ୍ତେ ସ୍ୱାନ୍ତେ ପରାନବକାଶିନି।*
*ବିଶତି ବିତନୋରନ୍ୟୋ ଧନ୍ୟୋ ନ କୋଽପି ମମାନ୍ତରଂ*
*ସ୍ତନଭର ପରିରମ୍ଭାରମ୍ଭେ ବିଧେହି ବିଧେୟତାମ୍।*

ଏ ତୋର ସ୍ତନଜଘନର ସଙ୍କଟେ। ପଡ଼ି ରହିଲା ମୋ ମନ।
କୁପିତ ଅନ୍ତର ନ ହୋଇ ଗୋ ମତେ। ଗାଢ଼େ ଦିଅ ଆଲିଙ୍ଗନ।
ଛାଡ଼ ଏବେ ଆତଙ୍କ ମନୁ ଶଙ୍କିତ ଭାବ। ପ୍ରବିଶ ରମ୍ୟ କାନନ।
ଅବକାଶ କାହୁଁ ଅନ୍ୟ ରମଣୀରେ। ତୋର ଉପୁଜିଲା ମାନ।

ହେ ମାନବତୀ ! ଅନ୍ୟ ରମଣୀ ପ୍ରତି ମୋ' ମନରେ ସ୍ପୃହା ରହିଛି ବୋଲି ତୁମ ହୃଦୟରେ ଯେଉଁ ଶଙ୍କାପୂର୍ଣ୍ଣ ଆତଙ୍କ ଜାତହୋଇଛି, ତାହା ଦୂର କରିଦିଅ। ତୁମର ସ୍ତନଜଘନଦ୍ୱାରା ଆକ୍ରାନ୍ତ ମୋ' ଅନ୍ତଃକରଣରେ ଅନ୍ୟ ନାୟିକାର ଚିନ୍ତା ମଧ୍ୟ ପ୍ରବେଶ କରିପାରିବନାହିଁ। କେବଳ ତୁମରି ଚିନ୍ତାରେ ଅନଙ୍ଗ ମୋର ଅନ୍ତରକୁ ପ୍ରବେଶ କରିବାରେ ସକ୍ଷମ ହୋଇଛି। ଏଣୁ ମନରୁ ବୃଥା ଆଶଙ୍କା ଦୂରକରି, ମୋତେ ଆଲିଙ୍ଗନକର। ତୁମର କଠିନ ପୟୋଧର ଯୁଗଳର ସଂସ୍ପର୍ଶରେ ମୋ' ଅନ୍ତରରୁ ଅନଧିକାର ପ୍ରବେଶ କରିଥିବା ଅନଙ୍ଗ ମଧ୍ୟ ଦୂର ହୋଇଯାଉ।

*Give up vain apprehension. A rival has no place when Your voluptuous breasts and hips always occupy my heart. Only the god of love is potent enough to penetrate my core. As I press Your heavy breasts, let us perform the rites of love.*



*ବ୍ୟଥୟତି ବୃଥା ମୌନଂ ତନ୍ୱି ପ୍ରପଞ୍ଚୟ ପଞ୍ଚମଂ ତରୁଣୀ*
*ମଧୁରାଳାପୈସ୍ତାପଂ ବିନୋଦୟ ଦୃଷ୍ଟିଭିଃ।*
*ସୁମୁଖି ବିମୁଖୀ-ଭାବଂ ତାବଦ୍‌ବିମୁଞ୍ଚ ନ ମୁଞ୍ଚ ମାଂ*
*ସ୍ୱୟମତିଶୟ ସ୍ନିଗ୍ଧୋ ମୁଗ୍ଧେ ପ୍ରିୟୋଽୟମୁପସ୍ଥିତଃ।*

---

ବିଅର୍ଥେ ମଉନ ହେବାରୁ ସୁନ୍ଦରି! ପୀଡ଼ାକରେ ମୋର ଚିତ୍ତ।
ମଧୁରାଳାପ କୋକିଳ ବାଣୀ କୁହ। ମୋର ସନ୍ତାପ ହେଉ ହତ।
ଲୀଳାରେ ଅବଲୋକନ କର ମୋତେ। ଖେଦ ନ ରଖ ମନରେ।
ବିବିଧ ପ୍ରକାରେ ମୁହିଁ ବୋଲୁଅଛି। ପ୍ରସନ୍ନ ହୁଅ ତୁ ମୋରେ।

---

ହେ ତନ୍ୱି ! ତୁମେ ମୌନ ରହିବା ଫଳରେ ମୁଁ ଅଧିକ ଦୁଃଖ ଅନୁଭବ କରୁଛି। ତେଣୁ ମୋର ଅନୁରୋଧ, ପଞ୍ଚମସ୍ୱରରେ ମଧୁରାଳାପ କରି ଏବଂ ସ୍ନିଗ୍ଧ ଦୃଷ୍ଟିରେ ମୋତେ ଚାହିଁ ମୋ' ମନରୁ ସନ୍ତାପ ଦୂରକର।

ହେ ସୁମୁଖି ! ମନରୁ ତୁମେ ବିମୁଖଭାବ ଦୂରକରି ମୋ' ମନରେ ଆନନ୍ଦ ବର୍ଦ୍ଧନକର। କିନ୍ତୁ କେବେହେଲେ ମୋତେ ତ୍ୟାଗକରନାହିଁ। ହେ ମୁଗ୍ଧେ ! ଅତିଶୟ ସ୍ନେହପାଶରେ ଆବଦ୍ଧ ତୁମରି ଏହି ପ୍ରିୟଜନ ନିଜେ ଆସି ତୁମଠାରେ ଉପସ୍ଥିତ ହୋଇଛି।

---

*Your meaningless silence pains me. Please sing the sweet rhapsodies of love. O tender lass ! relieve my pain by Your loving glance. O beautiful one ! give up Your indifference, do not forsake me for I am deeply devoted to You. Make love to me, Your lover is here with You.*





*ବନ୍ଧୁକ-ଦ୍ୟୁତି-ବାନ୍ଧବୋଽୟମଧରଃ ସ୍ନିଗ୍ଧୋ ମଧୂକଚ୍ଛବି*
*ର୍ଗଣ୍ଡେ ଚଣ୍ଡି ଚକାସ୍ତି ନୀଳ-ନଳିନ-ଶ୍ରୀ-ମୋଚନଂ ଲୋଚନମ୍।*
*ନାସାଭ୍ୟେତି ତିଳ-ପ୍ରସୂନ-ପଦବୀଂ କୁନ୍ଦାଭଦନ୍ତି ପ୍ରିୟେ*
*ପ୍ରାୟସ୍ତ୍ୱନ୍ମୁଖ-ସେବୟା ବିଜୟତେ ବିଶ୍ୱଂ ସ ପୁଷ୍ପାୟୁଧଃ।*

---

କାଳେ ତୋର ବଦନକୁ ଆଶ୍ରେ କରି ବିଶ୍ୱ ଜିଣିଲା ମଦନ।
ପୁନରପି ଥୋଇ ପୁଷ୍ପପଞ୍ଚବାଣ ପାଶେ କରେ ଭୃତ୍ୟପଣ।
ଅଧର ବଧୁଲୀ ପୁଷ୍ପଜ୍ୟୋତି ଗଣ୍ଡ ଶୋଭେ ମଧୁକର ଆଭା।
ନୀଳିମ ନଳିନ ଲୋଚନ ଲାବଣ୍ୟ ନାସା ତିଳପୁଷ୍ପ ଶୋଭା।
ଦଶନ କୁନ୍ଦକଳିକା ପ୍ରାୟ ଦେଖି ଶଙ୍କା ପାଏ ପଞ୍ଚଶର।
ତ୍ରିଭୁବନ ଜୟ କରିବ ଲଭି ତୋ ମୁଖଶୋଭା ନାରୀବର।

---

ହେ କୋପନଶୀଳେ ! ତୁମର ଓଷ୍ଠ ଓ ଅଧର ବଧୁଲୀଫୁଲ ପରି ରକ୍ତବର୍ଣ୍ଣ ଦେଖାଯାଉଛି। ତୁମର ଗଣ୍ଡଦେଶ ମହୁଲ ଫୁଲର ଶୋଭା ଧାରଣ କରିଛି। ହେ ପ୍ରିୟେ ! ତୁମର ସଜଳ ନୟନଯୁଗଳର କାନ୍ତି ନୀଳୋତ୍ପଳର ସୌନ୍ଦର୍ଯ୍ୟକୁ ତିରସ୍କାର କରୁଛି। ତୁମ ନାସା ତିଳଫୁଲପରି ମନୋଜ୍ଞ ହୋଇଛି। ହେ କୁନ୍ଦଦନ୍ତୀ ପ୍ରିୟେ ! କେବଳ ତୁମରି ମୁଖମଣ୍ଡଳ ସଦୃଶ ପାଞ୍ଚଗୋଟି ପୁଷ୍ପ ରୂପକ ଶର ଲାଭ କରି ପୁଷ୍ପାୟୁଧ କନ୍ଦର୍ପ ବିଶ୍ୱବିଜୟ ପାଇଁ ପ୍ରସ୍ତୁତ ହେଉଛି। ଅର୍ଥାତ ତୁମ ମୁଖମଣ୍ଡଳ ଏତେ ସୁନ୍ଦର ଯେ, ତାକୁ ଦେଖିଲେ ଯେ କୌଣସି ରସିକର ହୃଦୟ କାମବାଣରେ ବିଦୀର୍ଣ୍ଣ ହୋଇଯିବ।

---

*O angry goddess ! Your moist lips glow like crimson autumn blossoms. Your cheeks shine in a purple hue. Your eyes exceed the beauty of gleaming blue lotuses. Your nose is as pretty as the sesame flowers. Your teeth are as white as jasmine. It seems the god of love conquers the world with the armoury of Your face.*



*ଦୃଶୌ ତବ ମଦାଳସେ ବଦନମିନ୍ଦୁସନ୍ଦୀପନଂ*
*ଗତିର୍ଜନ-ମନୋରମା ବିଜିତ-ରମ୍ଭମୂରୁ-ଦ୍ୱୟମ୍।*
*ରତିସ୍ତବ କଳାବତୀ ରୁଚିର-ଚିତ୍ରଲେଖେ ଭ୍ରୂବା-*
*ବହୋ ବିବୁଧ-ଯୌବତଂ ବହସି ତନ୍ୱି ପୃଥ୍ୱୀଗତା।।*

ଅବନୀରେ ଜନ୍ମ ସ୍ୱର୍ଗ ଅପସରୀବୃନ୍ଦ ପ୍ରାୟ ଦିଶେ ଆଭା।
ଯାହାର ଯେତେକ ଉତ୍ତମ ଗୁଣରେ ଘେନିଲୁ କି ସର୍ବଶୋଭା।
ଗମନ ତୋର ଜନମନ ମୋହଇ, ମନୋରନ ଚାରୁ ଗତି।
ବିପରୀତ ରମ୍ଭା ଊରୁଯୁଗଳକୁ, ରମ୍ଭା ଦେଖି ପାଏ ଭ୍ରାନ୍ତି।
ମଦଭରେ ପୂର୍ଣ୍ଣ ଅଳସ ଦୃଷ୍ଟି ଯା ମଦାଳସା ଏହା ଭାବ।
ବଦନ ତୋହର ଅକଳଙ୍କ ପୂର୍ଣ୍ଣ ଇନ୍ଦୁବତ ପ୍ରିୟଭାବ।
ସୁନ୍ଦର ଭ୍ରୂଲତା ସୁରେଖିତ ତୋର, ଭ୍ରୂରୁ ଚିତ୍ରରେଖାବତୀ।
ରତିରସ କାଳେ ଅଟୁ ସୁକୁଶଳା ତେଣୁ ରମ୍ୟା କଳାବତୀ।
ଏମନ୍ତ ସକଳ ଗୁଣେ ସୁରଭିତା ସୁରସୁନ୍ଦରୀ ତୁ ବାମା।
ମର୍ତ୍ତ୍ୟେ ଜନମିଛୁ ମୋ ପ୍ରାଣ ମିତଣି ହେବାକୁ ମୋ ମନୋରମା।

ହେ ମାନମୟୀ ! ତୁମର ନୟନ ଯୁଗଳ ସର୍ବଦା ଆନନ୍ଦରେ ଅଳସାୟିତ ହୋଇଛି। ତୁମର ମୁଖ-ସୁଷମା ପୂର୍ଣ୍ଣିମାଚାନ୍ଦର ଉଜ୍ଜ୍ୱଳତାକୁ ବଳିପଡ଼ିଛି। ତୁମର ଗତି ଅତ୍ୟନ୍ତ ମନୋରମ ହୋଇଛି। ହେ ପ୍ରିୟେ ! ତୁମର ଜଙ୍ଘ ଓଲଟରମ୍ଭାକୁ ପରାଭୂତ କରୁଛି। ହେ ମୁଗ୍ଧେ ! ତୁମର ରତିକେଳି-କୌତୁକ ଅତ୍ୟନ୍ତ କଳାପୂର୍ଣ୍ଣ ଏବଂ ତୁମ ଭ୍ରୂରୁ ଯୁଗଳ ମନୋରମ ଚିତ୍ରଲେଖା ପରି ଶୋଭାପାଉଛି। ଆଗୋ ତନୁପାତଳି ! ତୁମେ ପୃଥିବୀରେ ବିଚରଣ କରୁଥିଲେ ହେଁ, ସୁରସୁନ୍ଦରୀ ମଦାଳସା, ମନୋରମା, ରମ୍ଭା, କଳାବତୀ ଓ ଚିତ୍ରଲେଖାଙ୍କୁ ମଧ୍ୟ ସୌନ୍ଦର୍ଯ୍ୟରେ ପରାଭୂତ କରୁଛ।

*Your eyes are lazy as if You are drunk with wine. Your face glows like the moonlight nymph Indumatī. Your gait is as pleasant as Manorama's. Your thighs beat inverted banana plant in shapeliness. Your skill in love-making matches Kaḷāvatī's. Your brows are like Citralekhā's. O frail one ! though You walk on earth You excel in beauty all these heavenly nymphs.*